# ଭାରତୀୟ ଜନତା ପାର୍ଟି, ଓଡ଼ିଶା
# BHARATIYA JANATA PARTY, ODISHA

କ୍ର.ନଂ. ଏଲ୍‌ଡି ୨୦୧/୧୮ ତା.: ୧୧/୦୪/୨୦୧୮

**ପ୍ରାପ୍ତେଷୁ:**

ସମସ୍ତ ରାଜ୍ୟ ପଦାଧିକାରୀ / ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ /
ଜିଲ୍ଲା ପ୍ରଭାରୀ / ଜିଲ୍ଲା ସଭାପତି / ଜିଲ୍ଲା ପଦାଧିକାରୀ /ମଣ୍ଡଳ ସଭାପତି ।

ପ୍ରିୟ ବନ୍ଧୁ/ଭଗିନୀ,

ସାଦର ନମସ୍କାର । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କର ଆଗ୍ରହ କ୍ରମେ ଆଗାମୀ ୧୪ ଏପ୍ରିଲ, ୨୦୧୮ ଠାରୁ ୫ ମଇ, ୨୦୧୮ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ଗ୍ରାମରୁ ଆରମ୍ଭ କରି ଜିଲ୍ଲା ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ ସ୍ତରରେ 'ଗ୍ରାମ ସ୍ୱରାଜ ଅଭିଯାନ'ର କାର୍ଯ୍ୟକ୍ରମ ନେବା ପାଇଁ ସ୍ଥିରୀକୃତ ହୋଇଛି । ଏହି ଧାରାରେ-

| | | |
|---|---|---|
| ୧୪ ଏପ୍ରିଲ୍ | : | ଆମ୍ବେଦକର ଜୟନ୍ତୀ ଓ ସାମାଜିକ ନ୍ୟାୟ ଦିବସ । |
| ୧୮ ଏପ୍ରିଲ୍ | : | ସ୍ୱଚ୍ଛ ଭାରତ ପର୍ବ |
| ୨୦ ଏପ୍ରିଲ୍ | : | ଉଜ୍ୱଳା ପଞ୍ଚାୟତ |
| ୨୪ ଏପ୍ରିଲ୍ | : | ପଞ୍ଚାୟତରାଜ ଦିବସ |
| ୨୮ ଏପ୍ରିଲ୍ | : | ଗ୍ରାମ ଶକ୍ତି ଅଭିଯାନ |
| ୩୦ ଏପ୍ରିଲ୍ | : | ଆୟୁଷ୍ମାନ ଭାରତ ଅଭିଯାନ |
| ୨ ମଇ | : | କିଶାନ କଲ୍ୟାଣ କାର୍ଯ୍ୟଶାଳା |
| ୫ ମଇ | : | ଆଜିବିକା ଓ କୌଶଳ କଲ୍ୟାଣ ଆଦି କାର୍ଯ୍ୟକ୍ରମ କେନ୍ଦ୍ର ସରକାରଙ୍କର ଯୋଜନା ମୁତାବକ କରାଯିବ । |

ପ୍ରଥମ କାର୍ଯ୍ୟକ୍ରମ ସାମାଜିକ ନ୍ୟାୟ ଦିବସର କାର୍ଯ୍ୟକ୍ରମ ସଂଯୋଜନାର ସଂପୂର୍ଣ୍ଣ କାର୍ଯ୍ୟସୂଚୀ ଏହା ସହିତ ସଂଲଗ୍ନ ଅଛି । ଜିଲ୍ଲା ସଭାପତିମାନେ ସେହି ଅନୁଯାୟୀ ପ୍ରତି ମଣ୍ଡଳକୁ ସାମାଜିକ ନ୍ୟାୟ ଦିବସ ପାଳନ ପାଇଁ ଯାଉଥିବା ଅତିଥି ତାଲିକା, ରାଜ୍ୟ କାର୍ଯ୍ୟାଳୟକୁ ତୁରନ୍ତ ପଠାଇବାକୁ ଅନୁରୋଧ ।

ଅନ୍ୟ ସାତଟି କାର୍ଯ୍ୟକ୍ରମର ସଂପୂର୍ଣ୍ଣ ରୂପରେଖ ମଧ୍ୟ ଖୁବ୍ ଶୀଘ୍ର ଆପଣମାନଙ୍କୁ ପଠାଇ ଦିଆଯିବ ।

କେନ୍ଦ୍ର ସରକାର ଅତ୍ୟନ୍ତ ଗୁରୁତ୍ୱର ସହ ଏହି କାର୍ଯ୍ୟକ୍ରମର ସଂଯୋଜନା କରୁଛନ୍ତି । ଏଣୁ ପ୍ରତ୍ୟେକ କାର୍ଯ୍ୟକ୍ରମକୁ ସଂପୂର୍ଣ୍ଣ ସଫଳ କରାଇବା ପାଇଁ ଆମ ମାନଙ୍କର ସଂପୂର୍ଣ୍ଣ ସହଭାଗୀତାର ଆବଶ୍ୟକ ଅଛି । ସାଧରଣତଃ କାର୍ଯ୍ୟକ୍ରମ ଗୁଡ଼ିକ ଓଡ଼ିଶାର ବୃହତ୍ ଗ୍ରାମ ଗୁଡ଼ିକରେ ଅନୁଷ୍ଠିତ କରାଯିବ ଏବଂ ସେଠାକୁ ଅତିଥି ଭାବେ ଯାଉଥିବା କାର୍ଯ୍ୟକର୍ତ୍ତାମାନେ ରାତ୍ରି ରହଣି କରିବାକୁ ମଧ୍ୟ ଅନୁରୋଧ ।

କେନ୍ଦ୍ର ସରକାରଙ୍କର ଜନକଲ୍ୟାଣକାରୀ ସମସ୍ତ ଯୋଜନାକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସାଧାରଣ ଲୋକଙ୍କୁ ପାଖରେ ପହଞ୍ଚାଇବାକୁ ସମସ୍ତ ପ୍ରଚେଷ୍ଟା ସଫଳତାର ସହ କରିବାକୁ ଆପଣଙ୍କୁ ଅନୁରୋଧ ।

॥ ଇତି ॥

ଆପଣଙ୍କର,

**(ବସନ୍ତ କୁମାର ପଣ୍ଡା)**
ବିଧାୟକ, ନୂଆପଡ଼ା ଏବଂ
ରାଜ୍ୟ ସଭାପତି, ବିଜେପି ଓଡ଼ିଶା